ସମୟ SAMAYA
ସମୟ

ଏକାମ୍ର-ବାରବାଟୀ-ଶ୍ରୀକ୍ଷେତ୍ର
୧୨
୩୧-୮-୨୦୧୬, ବୁଧବାର, ଭୁବନେଶ୍ୱର

# ସମାଜର କଲ୍ୟାଣ ଦିଗରେ କାମ କରିବା ହିଁ ଶିକ୍ଷାର ଉଦ୍ଦେଶ୍ୟ: ଡ. ସୁରେନ୍ଦ୍ର ପ୍ରସାଦ




ଭୁବନେଶ୍ୱର(ସ.ବ୍ୟୁ) : ଛାତ୍ରଛାତ୍ରୀଙ୍କ ଜୀବନରେ ଅନେକ ସଂଘର୍ଷ ଆସେ । ମାତ୍ର ତାହାର ସମ୍ମୁଖୀନ ହୋଇ ଯିଏ ନିଜ ଲକ୍ଷ ଆଡ଼କୁ ଗତିକରେ ସିଏ ହିଁ ସଫଳତା ପାଇଥାଏ । ଦେଶର ଉନ୍ନତି ପାଇଁ ଶିକ୍ଷାଦାନ କରୁଥିବା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ଉଚ୍ଚସ୍ଥାନ ଅଧିଗ୍ରହଣ କରିଛି । ଏଠାରେ ଶିକ୍ଷାଲାଭ କରିଥିବା ଛାତ୍ରଛାତ୍ରୀମାନେ ଅନ୍ୟକୁ ଅନୁସରଣ କରିବା ଅପେକ୍ଷା ନିଜର ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଗଢ଼ିବା ଦରକାର । ନିଜର ଜ୍ଞାନକୌଶଳରେ ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରିବା ହିଁ ଶିକ୍ଷାର ମୂଳ ଉଦ୍ଦେଶ୍ୟ ବୋଲି ମଙ୍ଗଳବାର ଆୟୋଜିତ ଆଇଆଇଟି ଭୁବନେଶ୍ୱରର ୫ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନ୍ୟାସନାଲ୍ ବୋର୍ଡ ଅଫ୍ ଆକ୍ରିଡିଏସନ୍‌ର ଅଧ୍ୟକ୍ଷ ଏବଂ ଆଇଆଇଟି ଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ଡଃ ସୁରେନ୍ଦ୍ର ପ୍ରସାଦ ପ୍ରକାଶ କରିଥିଲେ । ନିଜର ଅଭିଭାଷଣରେ ଡଃ ପ୍ରସାଦ କହିଥିଲେ ଯେ, ଆଇଆଇଟିର ଅଧ୍ୟାପକମାନେ ଏଠାକାର ଛାତ୍ରଛାତ୍ରୀଙ୍କ ସହ ଦିନରାତି ପରିଶ୍ରମ କରି ସେମାନଙ୍କୁ ସବୁ ଦିଗରୁ ଜ୍ଞାନ ପ୍ରଦାନ କରିବାରେ ସହାୟକ ହେଉଛନ୍ତି । ଛାତ୍ରଛାତ୍ରୀଙ୍କ ଦକ୍ଷତାକୁ ଆହୁରି ତୀକ୍ଷ୍ଣ କରିବାରେ ଶିକ୍ଷାନୁଷ୍ଠାନର ଜ୍ଞାନୀ ଅଧ୍ୟାପକଙ୍କ ଭୂମିକା ନିହାତି ଗୁରୁତ୍ୱପୂର୍ଣ୍ଣ । ତେଣୁ ଛାତ୍ରଛାତ୍ରୀମାନେ ଦେଶ ଓ ସମାଜର ଉନ୍ନତି ନିମନ୍ତେ ନୂତନ ପଦ୍ଧତିର ଆବିଷ୍କାର ପାଇଁ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ଡଃ ପ୍ରସାଦ କହିଥିଲେ । ଏନ୍‌ବିଏ ସହିତ ଆଇଆଇଟି ଭୁବନେଶ୍ୱରର ଚୁକ୍ତିନାମାର ପ୍ରସ୍ତାବପାଇଁ ମଧ୍ୟ ସେ ଆହ୍ୱାନ ଜଣାଇଥିଲେ ।ଚଳିତ ବର୍ଷର ସମାବର୍ତ୍ତନ ଉତ୍ସବରେ ୭ ଜଣ ଡକ୍ଟରେଟ୍, ୫୫ଜଣ ଏମ୍‌ଟେକ୍, ୬୯ଜଣ ଏମ୍‌ଏସ୍‌ସି ଏବଂ ୧୧୦ଜଣ ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀରେ ସମ୍ମାନିତ କରାଯାଇଥିଲା । ସମଗ୍ର ଦେଶରେ ବିଟେକ୍ ଇଲେକ୍ଟ୍ରିକାଲ୍ ସାଇନ୍ସ୍‌ରେ ଉତ୍କୃଷ୍ଟ ରେଜଲ୍ଟ୍ ପାଇଁ ଆଇଆଇଟି ଭୁବନେଶ୍ୱରର ଛାତ୍ର ପ୍ରିୟମ୍ ଦେ’ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା ।